# ଫାରମ 'କ'

(ନିୟମ ୪ ଦ୍ରଷ୍ଟବ୍ୟ)

ଆବେଦନ ପତ୍ର

ମାନନୀୟ,

କମାଣ୍ଡେଣ୍ଟ ହୋମଗାର୍ଡ,

ମୁଁ ଘୋଷଣା କରୁଅଛି ଯେ ମୁଁ ଭାରତର ନାଗରିକ ଓ ମୁଁ ଓଡ଼ିଶାର ଗୃହରକ୍ଷୀଦଳର ସଦସ୍ୟ ରୂପେ ତାଲିକାଭୁକ୍ତ ହେବାକୁ ଇଚ୍ଛା କରୁଅଛି ଏବଂ ତାଲିକାଭୁକ୍ତ ହେବାପରେ ଅନ୍ତତଃ ତିନିବର୍ଷ ପର୍ଯ୍ୟନ୍ତ ସ୍ଥାୟୀଭାବରେ ଓଡ଼ିଶାର ସୀମାତ୍ୟାଗ କରିବା ପାଇଁ ମୋର ଅଭିପ୍ରାୟ ନାହିଁ ଏବଂ ଅନ୍ୟ କୌଣସି ବାହିନୀରେ ସେବା କରିବା ପାଇଁ ମୋର ଦାୟିତ୍ୱ ନାହିଁ ।

ମୁଁ ଜାଣୁଅଛି ଯେ:-

୧/ ଜରୁରୀ କାଳରେ ଯେ କୌଣସି ସମୟରେ ଓ ଯେ କୌଣସି କାଳ ନିମିତ୍ତ ଏବଂ ଓଡ଼ିଶାର ଯେ କୌଣସି ଅଂଶରେ କର୍ତ୍ତବ୍ୟ କରିବାକୁ ଆହୂତ ହେବା ଲାଗି ଦାୟୀ ରହିବି ।

୨ । ମୁଁ ମୋର ଉପରିସ୍ଥ ଅଫିସରଙ୍କ ଆଦେଶ ଅନୁଯାୟୀ ତାଲିମ ନେବାକୁ ଓ ପ୍ୟାରେଡ୍‌ରେ ଯୋଗ ଦେବାକୁ ଦାୟୀ ରହିଛି ।

୩ । ମୋତେ ନିମ୍ନଲିଖିତ ଶପଥ ଗ୍ରହଣ କରିବାକୁ ପଡିବ, ଅର୍ଥାତ୍ –

ମୁଁ .................................................. ବାସସ୍ଥାନ............................................ ସତ୍ୟନିଷ୍ଠ ଓ ଅକପଟ ଭାବରେ ଘୋଷଣା କରୁଛି ଯେ ମୁଁ ଗୃହରକ୍ଷୀଦଳର ସଦସ୍ୟ ଭାବରେ ଅନୁଗ୍ରହ ବା ପ୍ରୀତି, ଈର୍ଷା ବା ବିଦ୍ୱେଷ କିମ୍ବା ସାମ୍ପ୍ରଦାୟିକ ବା ରାଜନୈତିକ ପକ୍ଷପାତ ବ୍ୟତୀତ ଉତ୍ତମରୂପେ ଓ ସଦ୍‌ଭାବରେ ଓଡ଼ିଶା ସରକାରଙ୍କ ସେବା କରିବି ଏବଂ ମୁଁ କୌଣସି ଜରୁରି ପରିସ୍ଥିତିର ସମ୍ମୁଖୀନ ହେବା ପାଇଁ ସଂକଟ କାଳରେ ଲୋକଙ୍କର ସେବା କରିବା ପାଇଁ ଏବଂ ଲୋକଙ୍କୁ ଆଶ୍ରୟ ଦାନ, ସମ୍ପତ୍ତିର ସୁରକ୍ଷା ଓ ସାଧାରଣ ନିରାପତ୍ତା ନିମିତ୍ତ ମୋତେ ସମନୁଦେଶିତ ହୋଇଥିବା କୃତ୍ୟ ଓ କର୍ତ୍ତବ୍ୟ ମୁଁ ମୋର କ୍ଷମତା ଅନୁଯାୟୀ ନିର୍ବହନ କରିବି ଏବଂ ମୁଁ ମୋର ଦକ୍ଷତା ଓ ଜ୍ଞାନମତେ ସେପରି ସଭ୍ୟ ରୂପେ ସମସ୍ତ କର୍ତ୍ତବ୍ୟ ବିଧି ଅନୁଯାୟୀ ନିର୍ବହନ କରିବି ।

୪ । ଓଡ଼ିଶା ଗୃହରକ୍ଷୀଦଳ ନିୟମାବଳୀ, ୧୯୬୨, ଅନୁଯାୟୀ ମୋତେ ଉସ୍ତାଫା ଦେବାକୁ ଅନୁମତି ଦିଆ ନ ଗଲେ ମୋତେ ଗୃହରକ୍ଷୀ ଦଳରେ ତିନିବର୍ଷ କାଳ ସେବା କରିବାକୁ ପଡିବ ।

୧। ପୁରାନାମ..........................................................................................

2 । ଠିକଣା (ବାସସ୍ଥାନ)...............................................................................

୩ । ମୋବାଇଲ ନମ୍ବର ...............................................................................

୪ । ଜନ୍ମ ତାରିଖ.......................................................................................

୫ । ଜନ୍ମ ସ୍ଥାନ (ଗ୍ରାମ/ସହର).......................................................................

(ଦେଶ ବା ଜିଲ୍ଲା)......................................................................................

୬। ଜୀବିକା ବା ବୃତ୍ତି..................................................................................

କ୍ରମଶଃ...........

୭ । ଶିକ୍ଷା ( ପାଇଥିବା ଡିଗ୍ରୀ ବା ପାସ କରିଥିବା ପରୀକ୍ଷା)..........................................
(Driving/Computer/Electrician/Mechanic/Laundry/Cook/Hair Cutting ସମ୍ପର୍କରେ ଜ୍ଞାନ ପରିବିଶେଷ ଯୋଗ୍ୟତା ଉଲ୍ଲେଖ କରାଯିବ)......

୮ । ଯୁଦ୍ଧ ସେବା କିମ୍ବା ସାମରିକ ବା ନୌ ତାଲିମ କିମ୍ବା କୌଣସି ପ୍ରାଥମିକ ଚିକିତ୍ସା ବା ଆମ୍ବୁଲାନ୍ସ ଦଳରେ ତାଲିମର ବିବରଣ............................

୯ । ପିତାଙ୍କ ନାମ...............................................................................................

୧୦ । ପିତାଙ୍କ ଜୀବିକା ଓ ବୃତ୍ତି..........................................................................................

୧୧ । ମୂଳତଃ ପାକିସ୍ଥାନର ଅଧିବାସୀ ହୋଇଥିଲେ ସେହି ରାଜ୍ୟରେ ଥିବା ଠିକଣା ଏବଂ ଭାରତ ସଂଘ ରାଜ୍ୟକୁ ବାସ ପରିବର୍ତ୍ତନ କରିବାର ତାରିଖ..........................................................................................

୧୨। ପୂର୍ବବର୍ତ୍ତୀ ପାଞ୍ଚବର୍ଷ ମଧ୍ୟରେ ଏକ ବର୍ଷରୁ ଅଧିକ ସମୟ ବାସ କରିଥିବା ସ୍ଥାନର ବିବରଣୀ (ଘର ନମ୍ବର, ଗଳି, ସଡକ, ରାସ୍ତା, ଗ୍ରାମ ବା ସହର ଓ ଜିଲ୍ଲା ଉଲ୍ଲେଖ ଥିବା ସେପରି ପ୍ରତ୍ୟେକ ବାସସ୍ଥାନର ଠିକଣା ଏବଂ ସେହି ସ୍ଥାନରେ ବସବାସ କାଳ ଦର୍ଶାଉଥିବା ତାରିଖ ଉଲ୍ଲେଖ କରାଯିବ )......................................................

ନିମ୍ନଲିଖିତ ପ୍ରଶ୍ନ ଗୁଡ଼ିକର ଉତ୍ତର ତାହାର ପ୍ରତି ପାର୍ଶ୍ୱରେ ଦିଆଯାଇଥିବା ମତେ ଦେବ :-

୧ । ତୁମ୍ଭର ଅସ୍ତ୍ରଶସ୍ତ୍ର ଲାଇସେନ୍ସ ଅଛି କି ? ଯଦି ଥାଏ ହତିଆରର ବିବରଣୀ ।

୨। ଆଗ୍ନେୟାସ୍ତ୍ର ବ୍ୟବହାର ସମ୍ପର୍କରେ ତୁମେ ତାଲିମ ପାଇଅଛ କି ?

୩ । ତୁମ୍ଭେ କୌଣସି ମୋଟର ଯାନର ମାଲିକ କି ? ଯଦି ହୋଇଥାଅ ତାହାର ବିବରଣୀ ଦିଅ ଏବଂ ତୁମେ ମୋଟର ଯୁକ୍ତ ବିଭାଗରେ ଯୋଗଦେବେ କି, ଯଦି ନ ଦେବ, ତୁମ୍ଭେ ମୋଟର ଯୁକ୍ତ ୟୁନିଟ୍‌ର ଜିମାରେ ତୁମ୍ଭର ଯାନ ରଖିବକି ?

୪ । ତୁମ୍ଭେ କେବେହେଲେ କୌଣସି ଅପରାଧ ନିମିତ୍ତ କୌଣସି ନ୍ୟାୟାଳୟ ଦ୍ୱାରା ସିଦ୍ଧ-ଦୋଷ ହୋଇଅଛ କି ? ଯଦି ହୋଇଥାଅ ଦୋଷ ସିଦ୍ଧି ଓ ଦଣ୍ଡର ପୁରା ବିବରଣୀ ଦିଅ ?

ମୁଁ ଘୋଷଣା କରୁଅଛି ଯେ, ଉପରୋକ୍ତ ବିବରଣି ଠିକ ଅଟେ ।

ତା..................................................... (ଦରଖାସ୍ତକାରୀଙ୍କ ସ୍ୱାକ୍ଷର)

କ୍ରମଶଃ...........

ତୁମ୍ଭକୁ ଅନ୍ତତଃ ତିନିବର୍ଷ ହେବ ବ୍ୟକ୍ତିଗତ ଭାବେ ଜାଣିଥିବା ଦୁଇଜଣ ପଦସ୍ଥ ଭଦ୍ରବ୍ୟକ୍ତିଙ୍କ ଦ୍ୱାରା ସ୍ୱାକ୍ଷରିତ ଚରିତ୍ରର ପ୍ରମାଣପତ୍ର ନିମ୍ନରେ ଲେଖାଯିବ ।

୧।
ପ୍ରମାଣପତ୍ର ଦେଇଥିବା ବ୍ୟକ୍ତିଙ୍କ ସ୍ୱାକ୍ଷର

ଠିକଣା.......................................................................................................................

ମୋବାଇଲ ନମ୍ବର.......................................................................................................................

୨।
ପ୍ରମାଣପତ୍ର ଦେଇଥିବା ବ୍ୟକ୍ତିଙ୍କ ସ୍ୱାକ୍ଷର

ଠିକଣା.......................................................................................................................

ମୋବାଇଲ ନମ୍ବର.......................................................................................................................

ଟିପ୍ପଣୀ:- ୧ । ଯଦି ତୁମ୍ଭେ ସରକାରୀ କର୍ମଚାରୀ ବା କୌଣସି ସ୍ଥାନୀୟ ପ୍ରାଧିକାରୀ, ଫାର୍ମ ବା ଅନ୍ୟ କୌଣସି ଅଫିସ ର କର୍ମକାରୀ ହୋଇଥାଅ, ତୁମ୍ଭେ ଏହି ଫାରମ ତୁମ୍ଭର ଉପରିସ୍ଥ ଅଫିସରଙ୍କ ଜରିଆରେ ପଠାଇବ, ତହିଁରେ ତାଙ୍କର ଏହିମତେ ପ୍ରମାଣପତ୍ର ରହିବ ଯେ ତୁମ୍ଭେ ତାଲିମ ନେବାରେ ତାଙ୍କର କୌଣସି ଆପତ୍ତି ନାହିଁ ଏବଂ ଯେ କୌଣସି ସମୟରେ ଓ ଯେ କୌଣସି କାଳ ନିମିତ୍ତ ଏବଂ ଓଡ଼ିଶା ରାଜ୍ୟର ଯେ କୌଣସି ଅଂଶରେ ଜରୁରୀ କାଳରେ କର୍ତ୍ତବ୍ୟ କରିବା ନିମିତ୍ତ ସେ ତୁମ୍ଭଙ୍କୁ ଛାଡିଦେବେ ।

୨। ଫାରମ ପୂରଣ କରିବା ପରେ ତୁମ୍ଭେ ତାହା ଜିଲ୍ଲା ଗୃହରକ୍ଷୀ ଦଳର ସେନାନୀଙ୍କୁ ଦେବ, କିମ୍ବା ତାଙ୍କ ନିକଟକୁ ଡାକ ଯୋଗେ ପଠାଇବ । ତୁମ୍ଭର ସେବା ଉପଯୋଗ କରାଯାଇପାରିବ କି ନାହିଁ ସେ ବିଷୟରେ ତୁମ୍ଭେ ଯଥା ସମୟରେ ସୂଚନା ପାଇବ ।

୩। ଉପରେ ୧) ରେ ଉଲ୍ଲେଖ ଥିବା ପ୍ରମାଣପତ୍ର ଦେବା ନିମିତ୍ତ ନିଯୋକ୍ତା ବା ଉପରିସ୍ଥ ଅଫିସରଙ୍କୁ ଅନୁରୋଧ କରାଯିବା ସମୟରେ ଦେଖାଇ ଦିଆଯାଇପାରେ ଯେ ଅନୁଚ୍ଛେଦ(୧)ରେ ଉଲ୍ଲେଖ ଥିବା ପରି ଜରୁରିକାଳ ଖୁବ୍ ଶୀଘ୍ର ଉଦ୍ଭବ ହେବାର ସମ୍ଭାବନା ନାହିଁ । ଅତଏବ ଭାବୀ ଗୃହରକ୍ଷୀମାନେ ଆତଙ୍କିତ ହେବା ଉଚିତ ନୁହେଁ ବା ସେମାନଙ୍କର ନିଯୋକ୍ତା ବା ଉପରିସ୍ଥ ଅଫିସରମାନେ କେବଳ ଏହି କାରଣରୁ ଉପରୋକ୍ତ ପ୍ରମାଣପତ୍ର ଦେବାରେ ଦ୍ୱିଧା କରିବା ଉଚିତ ନୁହେଁ ।
ପ୍ରମାଣପତ୍ର ନିଯୋକ୍ତା ବା ଉପରିସ୍ଥ ଅଫିସରଙ୍କ ଦ୍ୱାରା ସ୍ୱାକ୍ଷରିତ ହେବ ।

ମୁଁ ପ୍ରମାଣ ପତ୍ର ଦେଉଛି ଯେ, କର୍ମଚାରୀ....................................................ସପ୍ତାହରେ କାର୍ଯ୍ୟଦିନ ମାନଙ୍କରେ ସକାଳେ ତାଲିମ ନେବାରେ ମୋର କୌଣସି ଆପତ୍ତି ନାହିଁ ଏବଂ ଅନୁଚ୍ଛେଦ (୧) ରେ ଉଲ୍ଲେଖ ଥିବା କୌଣସି ଜରୁରୀକାଳରେ ଯେ କୌଣସି ସମୟରେ ଯେ କୌଣସିକାଳ ନିମିତ୍ତ ମୁଁ ତାଙ୍କୁ କର୍ତ୍ତବ୍ୟ କରିବାକୁ ଛାଡିଦେବି ।

ନିଯୋକ୍ତା ବା ଉପରିସ୍ଥ ଅଫିସରଙ୍କ ସ୍ୱାକ୍ଷର

ତାରିଖ.......................................................................................

ପୂରା ଠିକଣା.......................................................................................

ମୋବାଇଲ/ଟେଲିଫୋନ ନମ୍ବର .......................................................................